# Akashvani, Sambalpur

## SAMBALPURI NEWS EVENING BULLETIN

## 8 May 2026-7.02- 7.12 pm.

---

୧- ପଶ୍ଚିମବଙ୍ଗ୍‌ର ମୁଖ୍ୟମନ୍ତ୍ରୀ ଭାବେ ଆଏବାକାଏଲ୍ ଶପଥ୍ ନେବେ ବିଜେପିର୍ ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ।

- ଆଗ୍‌କେ ଓଡ଼ିଶା -ପଶ୍ଚିମବଙ୍ଗ୍ ସମ୍ପର୍କ ଆହୁରି ବର୍‌କସ୍ ହେବା କହେଲେ ମୁଖ୍ୟମନ୍ତ୍ରୀ ।

୨- ରାଜ୍ୟର୍ ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କର୍ ବିକାଶ୍‌ଥି ମହିଳାମାନ୍‌କର୍ ଭାଗିଦାରୀକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଲେ ଜୋର୍ ।

୩- ପୁରୀ ରଥଯାତ୍ରା ସମନ୍ୱୟ କମିଟି ବୈଠକ୍‌ଥି ଶ୍ରଦ୍ଧାଳୁମାନ୍‌କର୍ ସୁରକ୍ଷା ଆଉ ଟ୍ରାଫିକ୍ ନିୟନ୍ତ୍ରଣ୍‌କେ ନେଇକରି ହେଲା ଆଲୋଚନା

ଆଉର୍

୪- ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ସୃଷ୍ଟି ହେଇଛେ ଘୂର୍ଣ୍ଣିବଳୟ ।

ପଶ୍ଚିମବଙ୍ଗ -ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

ବିଜେପିର୍ ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗ ନୂଆଁ ମୁଖ୍ୟମନ୍ତ୍ରୀ ହେବେ । ଶ୍ରୀ ଅଧିକାରୀ ବିଜେପିର୍ ବିଧାୟକ୍ ଦଲ୍ ନେତା ନିର୍ବାଚିତ୍ ହେବାର୍ ଉତ୍ରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍ ଆଉ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ତାଙ୍କର୍ ନାଁ ଘୋଷ୍ନା କରିଛନ୍ । ସହପର୍ଯ୍ୟବେକ୍ଷକ୍ ଆଉ ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଶ୍ରୀ ଅଧିକାରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହେବାର୍ ଉତ୍ରୁ ଦୁହି ରାଜ୍ୟ ଭିତ୍ରେ ସମ୍ପର୍କ ଆହୁରି ବର୍କସ୍ ହେବା । ଓଡ଼ିଶାବାସୀଙ୍କର୍ ଲାଗି କୋଲ୍କାତା ହେଉଛେ ଦୁଇ ନମ୍ବର୍ ଘର୍ । ପଶ୍ଚିମବଙ୍ଗ ନ ନୂଆଁ ଇତିହାସ୍ ହେଇଛେ ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଶ୍ରୀ ଅଧିକାରୀ ଆଏବା କାଏଲ୍ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେବେ । ଚଲ୍ତି ବିଧାନ୍ସଭା ନିର୍ବାଚନ୍ଥି ପଶ୍ଚିମବଙ୍ଗ ନ ବିଜେପି ୨ ଶହ ୭ ଟା ଆସନ୍ ହାସଲ୍ କରିଥିଲା ।

ଡିଆର୍ଡିଓ- ତାରା ଉଡ଼ାନ୍ ଏକ୍ସ

ଓଡ଼ିଶା ସମୁଦ୍ରଖଁଡ଼ି ନ ଟାପ୍‌ଟିକାଲ୍ ଏଡ଼ଭାନ୍ସଡ଼୍ ରେଞ୍ଜ୍ ଅଗ୍‌ମେଂଟେସନ୍ - ତାରା ର ପହେଲା ଉଡ଼ାନ୍ କେ ସଫଲତାର୍ ସହେତେ ପରୀକ୍ଷଣ୍ କରାଯାଇଛେ । ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍- ଡିଆର୍‌ଡିଓ ଆଉ ଭାରତୀୟ ବାୟୁସେନାର୍ ମିଲିତ୍ ଚେରେଷ୍ଟାଥି ଇ ପରୀକ୍ଷଣ୍ ହେଇଥିବାର୍ ଜନାପଡ଼ିଛେ । ପ୍ରତିରକ୍ଷା ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଯୁଦ୍ଧାସ୍ତ୍ର ତାରାକେ ଠିକ୍ ରାସ୍ତାଥି ପରିଚାଳିତ୍ କର୍‌ବାର୍ କ୍ଷମତା ରଖିଥିବା ଇଟା ଦେଶର୍ ପହେଲା ସ୍ୱଦେଶୀ ଅସ୍ତ୍ର ପ୍ରଣାଳୀ । ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଇ ସଫଲତା ଲାଗି ଡିଆର୍‌ଡିଓ, ଭାରତୀୟ ବାୟୁସେନା ଆଉ ଅସ୍ତ୍ର ତିଆର୍ କରୁଥିବା ସହଯୋଗୀ କମ୍ପାନୀମାନ୍‌କୁ କୃତଜ୍ଞତା ଜନେଇଛନ୍ । ଇ ଅସ୍ତ୍ର ପ୍ରଣାଳୀ ଭାରତ୍‌ର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକେ ଅଏତ୍‌କା ମଜ୍‌ବୁତ୍ କର୍‌ବା ବଲି ଶ୍ରୀ ସିଂ କହିଛନ୍ ।

ଅଙ୍ଗନବାଡ଼ି କେନ୍ଦ୍ରର୍ ବିକାଶ୍ ଆଇ.ଆଣ୍ଡ.ପି.ଆର୍

ରାଏଜେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର୍ ବିକାଶ୍ ଆଉ ଘର୍ ତିଆର୍ ଲାଗି ଉପମୁଖ୍ୟମନ୍ତ୍ରୀ ଆଉ ମହିଲା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର୍ ସବୁ ବିଧାୟକ୍‌ମାନ୍‌କୁ ଚିଠି ଜରିଏ ସେମାନ୍‌କର୍ ସହଯୋଗ୍ ମାଗିଛନ୍ । ନିଜର୍ ନିର୍ବାଚନ୍ ମଣ୍ଡଲୀ ନ ଚାଲିଥିବା କାମ୍‌ଥି ମହିଲାମାନ୍‌କର୍ ଭାଗିଦାରୀକେ ସୁନିଶ୍ଚିତ୍ କର୍‌ବାର୍ ସହେତେ ଅଙ୍ଗନବାଡ଼ି ଘର୍ ତିଆରି ଠିକ୍ ସମିଆଥି ସାର୍‌ବାର୍‌କେ ସେ ବିଧାୟକ୍‌ମାନ୍‌କୁ ତଦାରଖ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ୨୦୨୪-୨୫ ଆଉ ୨୦୨୫-୨୬ ବଛ୍‌ରେ ରାଏଜେ ୩ ହଜାର୍ ୨ ଶହ ୯୩ ଟା ନୂଆଁ ଅଙ୍ଗନବାଡ଼ି ଘର୍ ଉଦ୍‌ଘାଟିତ୍ ହେଇଥିବାର୍ ବେଲେ ଆଇସିଡିଏସ୍ ଯୋଜ୍‌ନା ଅଧୀନ୍‌ଥି ୧୨ ହଜାର୍ ଶହେ ୪୦ ଟା ଅଙ୍ଗନବାଡ଼ି କେନ୍ଦ୍ର ସକ୍ଷମ୍ ଅଙ୍ଗନବାଡ଼ି କେନ୍ଦ୍ରଥି ରୂପାନ୍ତରିତ୍ ହେଇଛେ ।

ପିଏମ୍‌ଏଓ୍ୱାଇ-ୟୁ ୨.୦ ଆଇ.ଆଣ୍ଡ.ପି.ଆର୍

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା - ସହରାଂଚଲ୍ ୨ ନମ୍ବର୍ ଖେପ୍ ଅଧୀନ୍‌ଥି ଗୃହ ତିଆର୍ ପୁରା କର୍‌ବାର୍‌ଥି ଓଡ଼ିଶା ଦେଶେ ପହେଲା ଠାନ୍ ପାଇଛେ । ୨୦୨୫ ମସିହା ମାର୍ଚ୍ଚ ମାସ୍‌ନୁ ୨୦୨୬ ମସିହା ମାର୍ଚ୍ଚତକ୍ ଇ କ୍ଷେତ୍ରଥି ରାଜ୍ୟ ଲଗାତାର୍ ଭାବେ ଭଲ୍ ପ୍ରଦର୍ଶନ୍ କରିଆସୁଛେ । ଇ ଯୋଜ୍‌ନାର୍ ୨ ନମ୍ବର୍ ଖେପ୍ ଅଧୀନ୍‌ଥି ଓଡ଼ିଶା ନ ୨୪ ହଜାର୍ ୬ ଶହ ୨୫ ଟା ଘର୍ ମଞ୍ଜୁର୍ ହେଇଥିବାର୍ ବେଲେ ମେ ମାସର୍ ୫ ତାରିଖ୍‌ତକ୍ ୩ ହଜାର୍ ଶହେ ୩୪ ଟା ଘରର୍ ଭିତିପ୍ରସ୍ତର୍ ଆଉ ୨ ହଜାର୍ ୮ ଟା ଘର୍ ବନା କାମ୍ ଶେଷ୍ ହେଇଛେ । ୨୩ ହଜାର୍ ୪ ଶହ ୬୪ ଟା ଘର୍‌ର ଜିଓ ଟେଗିଂ କାମ୍ ଭିଲ୍ ସରିଛେ । ବାକି ଥିବା ଘର୍ ଭିନ୍ ଭିନ୍ ଖେପେ ନିର୍ମାଣାଧୀନ୍ ରହିଛେ । ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଅଧିକାରୀମାନ୍‌କୁ କାମ୍‌କେ ଆହୁରି ତୁର୍‌ତି କରିକରି ଧାରିଜ୍ ସମିଆ ଆଘୋନୁ ସାର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ସାମାଜିକ୍ ସୁରକ୍ଷା ଯୋଜ୍‌ନା ସମୀକ୍ଷା     ଆଇ.ଆଣ୍ଡ୍.ପି.ଆର୍

ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ୍ ଆଏଜ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ହେଇଯାଇଛେ । ପ୍ରମୁଖ ଶାସନ୍ ସଚିବ ସୁରେଶ୍ କୁମାର୍ ବଶିଷ୍ଟଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ସାମାଜିକ୍ ସୁରକ୍ଷା ଯୋଜ୍ନାର୍ ଅଗ୍ରଗତି ବାବ୍ଦେ ସମୀକ୍ଷା କରାଯାଇଛେ । ହିତାଧିକାରୀମାନ୍କର୍ ସଠିକ୍ ଚିହ୍ନଟ୍, ଠିକ୍ ସମିଆଥି ସାହାଜ୍ ଯୁଗାବାର୍ ଆଉ ଅଭିଯୋଗ୍ ମାନ୍କର୍ ତୁର୍ତି ସମାଧାନ୍ ଉପ୍ରେ ଜୋର୍ ଦିଆଯାଇଛେ । ଜିଲ୍ଲା ସାମାଜିକ୍ ସୁରକ୍ଷା ଅଧିକାରୀମାନ୍କୁ କ୍ଷେତ୍ର ପରିଦର୍ଶନ୍ ସହେତେ ସଚେତନତା ଶିବିର୍ ଆୟୋଜନ୍ କର୍ବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ରଥଯାତ୍ରା ସମନ୍ୱୟ ବୈଠକ୍ ପୁରୀ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକେ ଶୃଙ୍ଖଲିତ୍ ଭାବେ କର୍ବାର୍ ଲାଗି ଆଏଜ୍ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ୍

ସାମଲ୍‌ଙ୍କର୍ ଅଧ୍ୟକ୍ଷତାଥି ପହେଲା ରଥଯାତ୍ରା ସମନ୍ୱୟ ବୈଠକ୍ ହେଇଯାଇଛେ । ପୁରୀ ଟାଉନ୍‌ହଲ୍ ଠାନେ ହେଇଥିବା ବୈଠକ୍‌ଥି ମାହାପୁରୁମାନ୍‌କର୍ ନୀତିକାନ୍ତି, ଭିଡ୍ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଯୋଗାଣ୍, ପିଇବାର୍ ପାଏନ୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ବିସ୍ତୃତ୍ ଭାବେ ଆଲୋଚନା ହେଇଛେ । ରଥଯାତ୍ରା ସମିଆଥି ଗଲାବଛର୍ ବାଗିର୍ ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ ସହେତେ ଭିନ୍ନକ୍ଷମ୍ ମାନ୍‌କର୍ ଦର୍ଶନ୍ ଲାଗି ଖାସ୍ ବ୍ୟବସ୍ଥା କରାଯିବା । ରଥ ବନାବାର୍ ଲାଗି ୮ ଶହ ୬୫ ଖଁଡ୍ କାଠ୍‌ର ଦର୍‌କାର୍ ପଡୁଥିବାର୍ ବେଲେ ଇହାଦେତକ୍ ରଥଖଳା ଆଉ ଖପୁରିଆ କରତ୍ କଲକେ କାଠ୍ ପୁହୁଁଚି ସାରିଛେ । ଇ ସମିଆଥି ସୁରକ୍ଷା ବ୍ୟବସ୍ଥାକେ ତଦାରଖ୍ କର୍‌ବାର୍ ଲାଗି ସିସିଟିଭି କେମ୍‌ରା ଲଗାଯିବାର୍ ସହେତେ ସ୍ୱତନ୍ତ୍ର ସୁରକ୍ଷା ବଳ ଆଉ ୨ ଶହ ୨୦ ନୁ ଅଏତ୍‌କା ଫୋର୍ସ ମୁତୟନ୍ କରାଯିବାର୍ ଲାଗି ପ୍ରସ୍ତୁତି କରାଯାଇଛେ । ବଡ଼ଦାଣ୍ଡ ଆଉ ଗହଳି ଜାଗାମାନ୍‌କେ ସଫା ପିଇବାର୍ ପାଏନ୍ ଯୁଗାବାର୍ ଆଉ ଡ୍ରେନ୍ ମାନ୍‌କର୍ ସଫେଇ କାମ୍ ମୁଲ୍ ହେଇସାରିଛେ । ରଥଯାତ୍ରା ବେଲ୍‌କେ ସ୍ୱତନ୍ତ୍ର ବସ୍, ଇଂଟର୍‌ସେପ୍ଟର୍ କ୍ରେନ୍ ଚଲାଚଲ୍

କର୍‌ବା । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ସାଂସଦ୍, ବିଧାୟକ୍ ଆଉ ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମେଟ୍ରିକ୍ ଖାତା ଯାଂଚ୍                    ଆର୍‌ଏନ୍‌ୟୁ/ ସମ୍ବଲପୁର

ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଲାଗି ଆଏଜ୍‌ଠାନୁ ଫର୍ମ ପୂରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇଥି ନିୟମିତ୍ ଆଉ ଆଘର୍ ଛାତ୍ରଛାତ୍ରୀ ବାର୍ଷିକ୍ ସପ୍ଲିମେଂଟାରୀ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା -୨୦୨୬ ଲାଗି ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିପାର୍‌ବେ । ଛାତ୍ରଛାତ୍ରୀ ଆଉ ବିଦ୍ୟାଳୟମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ବୋର୍ଡ଼୍ ୱେବ୍‌ସାଇଟ୍‌ଥି ପଞ୍ଜିକରଣ୍ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ । ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ପରୀକ୍ଷାଫଲ୍ ବାହାର୍‌ବାର୍ ଉତ୍‌ରୁ ଭିନ୍ ଭିନ୍ ବିଷେଥି ଖାତାମାନ୍‌କର୍ ଫେର୍‌ଘାଏ ଯାଂଚ୍ ପ୍ରକ୍ରିୟା ଆଏବା ୧୧ ତାରିଖ୍ ସୋମ୍‌ବାର୍ ଦିନୁ ମୁଲ୍ ହେବା ବଲି ବୋର୍ଡ଼୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଫି’ ବିଷେଥି ସବ୍‌ଜେକ୍ଟିଭ୍ ଆଉ

ଅବ୍‌ଜେକ୍ଟିଭ୍ ଖାତା ଫେର୍‌ଘାଏ ଯାଂଚ୍ ଆଉ ସେସବୁର୍ ନକଲ୍ ଦେବାର୍ ଲାଗି ଆବଶ୍ୟକ୍ ଦେୟ ସହେତେ ଅନ୍‌ଲାଇନ୍‌ଥି ଆବେଦନ୍ କର୍‌ବାର୍‌କେ ପଡ଼୍‌ବା । ଇସବୁଥିର୍ ନିୟମାବଳୀ ବୋର୍ଡ୍ ୱେବ୍‌ସାଇଟ୍ www.bseodisha.ac.in ଥି ମିଳିପାର୍‌ବା ।

ବିଶ୍ୱ ରେଡ଼କ୍ରସ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ଆଉ କର୍ମଚାରୀମାନ୍‌କର୍ ଉତ୍ସର୍ଗୀକୃତ ସେବା ମନୋଭାବ୍‌କେ ସ୍ୱୀକୃତୀ ଦେବାର୍ ଆଉ ରେଡ଼କ୍ରସ୍ ଆର୍ ରେଡ଼କ୍ରିସେଂଟ୍ ଆନ୍ଦୋଳନ୍‌ର ପ୍ରତିଷ୍ଠାତା ହେନେରୀ ଡୁନାଂଟ୍‌ଙ୍କର୍ ସମ୍ମାନ୍ ଲାଗି ଆଏଜ୍ ବିଶ୍ୱ ରେଡ଼କ୍ରସ୍ ଦିବସ୍ ପାଲନ୍ କରାଯାଉଛେ । ୧୯୪୮ ମସିହାନୁ ପି' ବଛର୍ ମେ ୮ ତାରିଖ୍ ଭାରତ୍ ନ ଇ ଦିବସ୍ ପାଲନ୍ କରାଯାଉଛେ । ୧୯୨୦ ମସିହାଥି ଦିଲ୍ଲୀ ନ ପହେଲାଥର୍ ଲାଗି ଭାରତୀୟ ରେଡ଼କ୍ରସ୍ ସୋସାଇଟି ଗଠନ୍ କରାଯାଇଥିଲା । ଇ ବଛର୍ ବିଶ୍ୱ ରେଡ଼କ୍ରସ୍ ଦିବସର୍ ବାର୍ତା ହେଉଛେ ମାନବିକତା ଲାଗି ଏକତା ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ମାନବତାର୍ ସେବାଥି ନିୟୋଜିତ୍ ସ୍ୱୟଂ ସେବକ୍‌ମାନ୍‌କର୍ ଚେରେଷ୍ଟା ଆଉ ଅତୁଟ ପ୍ରତିବଦ୍ଧତାକେ ରେଡ଼କ୍ରସ୍ ଦିବସ୍ ଅବ୍‌ସରେ ପ୍ରଶଂସା କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଶ୍ୱ ରେଡ଼କ୍ରସ୍ ଦିବସ୍ ଅବ୍‌ସରେ ସ୍ୱେଚ୍ଛାସେବୀ ମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ଗୁଟେ ସୁରକ୍ଷିତ୍ ସମାଜ୍ ଗଠନ୍ ଲାଗି ଦୟା, ଏକତା ଆଉ ମାନବିକ୍ ସେବା ଲାଗି ସାମୂହିକ୍ ପ୍ରତିବଦ୍ଧତାକେ ବର୍‌କସ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ରେଡ଼କ୍ରସ୍ ଦିବସ୍ ଅବ୍‌ସରେ ବୌଦ୍ଧ ଟାଉନ୍‌ହଲ୍ ନ ଗୁଟେ ଆଲୋଚନାଚକ୍ର ଆୟୋଜିତ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ସେବାକେ ଆଧାର୍ କରିକରି ଛାତ୍ର ଜୀବନ୍‌ନୁ ଦେଶ୍‌ସେବା କର୍‌ବାର୍ ଲାଗି ଆଗ୍‌କେ ଆସ୍‌ବାର୍‌କେ ପରାମର୍ଶ ଦେଇଛନ୍ ।

ବିଶ୍ୱ ଥାଲାସେମିଆ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଥାଲାସେମିଆ ରୋଗ୍ ବାବ୍‌ଦେ ସଚେତନତା ବଢ଼ାବାର୍ ଆଉ ପିଢ଼ିତ ରୋଗୀମାନ୍‌କୁ ସହଯୋଗ୍ କର୍‌ବାର୍ ଲକ୍ଷ୍ୟଥି ଫି' ବଛର୍ ଆଝିରର୍ ଦିନେ ବିଶ୍ୱ ଥାଲାସେମିଆ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ, ଦୂରିଆ ନାଇଁ ରହିକରି ରୋଗୀମାନ୍‌କୁ ଚିହ୍ନଟ୍ କର୍‌ବାର୍ ଆଉ ସମର୍ଥନ୍ ଦେବାର୍ । ଥାଲାସେମିଆ ଗୁଟେ ରକ୍ତବିକାର୍ ସମସ୍ୟା । ଦେଶେ ଥାଲାସେମିଆ ରୋଗୀଙ୍କର୍ ସଂଖ୍ୟା ବଢୁଥିବାର୍‌ନୁ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ତାର୍ ନିରାକରଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ସାମାଜିକ୍ ସଚେତନତା ଆଉ ସାମୂହିକ୍ ଚେଷ୍ଟା ଜରିଏ ଇ ରୋଗ୍‌କେ ନିୟନ୍ତ୍ରଣ୍ କରିହେବା । ସମିଆ ଜାନି ପରୀକ୍ଷା ଆଉ ପରାମର୍ଶ ଇ ରୋଗ ପ୍ରତିରୋଧ୍‌ଥି ବହୁତ୍ ଜରୁରୀ ଆଏ ବଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ । ଇ ରୋଗ୍‌ର କାରଣ୍ ଆଉ ଚିକିତ୍ସା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ବିଶ୍ୱ ଥାଲାସେମିଆ ଦିବସ୍ ଅବ୍‌ସରେ ବୌଦ୍ଧ ଜିଲ୍ଲା ନ ସଚେତନତା କାର୍ଯ୍ୟକ୍ରମ୍ ଆଉ ରକ୍ତଦାନ୍ ଶିବିର୍‌ର ଆୟୋଜନ୍ କରାଯାଇଛେ ।

ନୂଆପଡ଼ା ଜିଲ୍ଲା ପରିଷଦ୍ ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହ ନ ଜିଲ୍ଲାପରିଷଦ୍ ବୈଠକ୍ ହେଇଯାଇଛେ । ସାଂସଦ୍ ମାଳବିକା ଦେବୀ ବୈଠକ୍‌ଥି ଯୋଗ୍ ଦେଇକରି ଜିଲ୍ଲା ନ ଚାଲୁଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପ ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଇ ଅବ୍‌ସରେ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ଜୟ ଢୋଲ୍‌କିଆ, ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆଉ ସବୁ ଜିଲ୍ଲା ପରିଷଦ୍ ସଭ୍ୟ ମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା

ଦିଆଯାଇଛେ ।  ଘୂର୍ଣ୍ଣିବଳୟ ଆହୁରି ଘନୀଭୂତ୍ ହେଇକରି ଆଏବା ୧୨/୧୩ ତାରିଖ୍ ବେଲ୍କେ ଲଘୁଚାପ୍ର ରୂପ୍ ନେଇପାରେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ସବୁ ଜିଲ୍ଲାକେ ବିଜ୍ଲି, ଘଡ଼୍ଘଡ଼ି ସହେତେ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ୨ ନୁ ୩ ଦିନ୍ ଭିତ୍ରେ ରାଏଜେ ସବୁନୁ ଜହ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍ବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଆକଲନ୍ କରାଯାଇଛେ ।